ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୨୧**

# ଓଡ଼ିଆ ଜାତିର ଜୀବନ ବେଦ ‘ଭାଗବତ’ ଓ ‘ଶ୍ରୀ ଜଗନ୍ନାଥ ସଂସ୍କୃତି’



ଅଲେଖ ଚନ୍ଦ୍ର ସାମଲ

ସଚରାଚର ବିଶ୍ୱର ସର୍ବମୟକର୍ତ୍ତା ଭାବେ ବିଦିତ, କୋଟି କୋଟି ଭକ୍ତଜନଙ୍କର ପ୍ରାଣର ପବନ ତଥା ହୃଦୟର ସ୍ପନ୍ଦନ ଭାବେ ଅଭିହିତ, ତଥା ବିଶ୍ୱ ଦେବତା ଭାବେ ବିଶ୍ୱର କୋଣ ଅନୁକୋଣରେ ଆରାଧିତ, ନୀଳସୁନ୍ଦର ପର୍ବତ ଉପରେ ଶ୍ରୀବତ୍ସ ଖଣ୍ଡଶାଳର ରତ୍ନସିଂହାସନରେ ବିରାଜିତ, ସଗୁଣ ସାକାର ଅଥବା ନିର୍ଗୁଣ ନିରାକାର ଦାରୁବ୍ରହ୍ମ ରୂପରେ ପୂଜିତ, କୋଟି କୈବଲ୍ୟନାଥ ପ୍ରଭୁ ଶ୍ରୀଜଗନ୍ନାଥ ଅଦ୍ୟାବଧି ମୁନି, ଋଷି, ସିଦ୍ଧସାଧକ, ଭାବୁକ ତଥା ଗବେଷକମାନଙ୍କ ନିକଟରେ ରହସ୍ୟମୟ ଦେବତା ଭାବେ ହୁଅନ୍ତି ବିବେଚିତ । ଅପୌରୁଷେୟ ବେଦଚତୁଷ୍ଟୟ, ରତ୍ନସିଂହାସନରେ ବିରାଜିତ ଏହି ପରଂବ୍ରହ୍ମଙ୍କର ରହସ୍ୟକୁ ଉନ୍ମୋଚନ କରିବା ପାଇଁ ସମର୍ଥ ହୋଇନପାରି ନେତି ନେତି ଶବ୍ଦ ଉଚ୍ଚାରଣ ମାଧ୍ୟମରେ ପଶିଛନ୍ତି ଶରଣ । ଶ୍ରୀମନ୍ଦିରରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆକୃତି, ରୀତିନୀତି ତଥା ପୂଜାପଦ୍ଧତି ତାଙ୍କୁ ସବୁ ଧର୍ମ, ସମ୍ପ୍ରଦାୟ ତଥା ମତବାଦର ଉର୍ଦ୍ଧ୍ୱରେ କରିଛି ସ୍ଥାନିତ । ବ୍ରହ୍ମରୂପୀ ଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମ - ପରମାତ୍ମାଙ୍କର ପ୍ରତୀକ ମାତ୍ର । ଶ୍ୱେତାଶ୍ୱେତ ଉପନିଷଦରେ ପୁରୁଷୋତ୍ତମଙ୍କର ଲକ୍ଷଣ ସବୁ ବର୍ଣ୍ଣନା କରାଯାଇଛି । ହସ୍ତପଦ ନଥାଇ ସେ ସବୁ କାମ କରିପାରନ୍ତି ଓ ସମସ୍ତ ସ୍ଥାନକୁ ଯାଇପାରନ୍ତି । ଚକ୍ଷୁ ନଥାଇ ସେ ସର୍ବଦ୍ରଷ୍ଟା । କର୍ଣ୍ଣ ନଥାଇ ସେ ସର୍ବଶ୍ରୋତା, ସର୍ବଜ୍ଞାତା । ପାଟି ନଥାଇ ସେ ସକଳ ପ୍ରକାର ରସ ଗ୍ରହଣ କରନ୍ତି । ସେହିଁ ପରମାତ୍ମା - ପୁରୁଷୋତ୍ତମ । ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରି ପୁରୁଷ । ସମସ୍ତ ଅବତାର ତାଙ୍କଠାରୁ ସୃଷ୍ଟି ହୋଇଥାନ୍ତି ଓ ଲୀଳା ଶେଷରେ ତାଙ୍କଠାରେ ବିଲୟ ହୋଇଯାଆନ୍ତି । ଶ୍ରୀକୃଷ୍ଣ ଜନ୍ମର ସମସ୍ତ ଘଟଣା ହେଉଛି ଅଲୌକିକ । ମଥୁରାର ବନ୍ଦୀଶାଳାରେ ଦେବକୀଙ୍କ ଗର୍ଭରୁ ଜନ୍ମ ହେଲା ମାତ୍ରେ ପିତା ବସୁଦେବ କୃଷ୍ଣ ଆଜ୍ଞାରେ ଘନ ଅନ୍ଧକାରରେ ଗୋପପୁର ନନ୍ଦରାଜାଙ୍କ ଗୃହକୁ ନେଇଥିଲେ । ଏହା ବର୍ଣ୍ଣନା କରି ଭାଗବତରେ ଲେଖିଛନ୍ତି - ‘ଛିଣ୍ଡିଲା ପାଦର ଶିକୁଳି । ବାଟ କଢ଼ାଇଲା ବିଜୁଳି । ତିନ୍ତିବା ଦେଖି ଜଗନ୍ନାଥ, ଫଣାରେ ଢ଼ାଙ୍କିଲା ଅନନ୍ତ ।’ ପତିତରୁ ମୁକ୍ତି ପାଇ ପାବନ ହେବା ହେଉଛି ମାନବର ଲକ୍ଷ୍ୟ । ତେଣୁ ପତିତ ମାନଙ୍କୁ ପାବନ କରିବା ପାଇଁ ଶ୍ରୀଜଗନ୍ନାଥ, ବଡ଼ଭାଇ ଓ ଭଉଣୀଙ୍କ ସହିତ ଶ୍ରୀମନ୍ଦିରର ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡର ରଥ ଉପରକୁ ଓହ୍ଲାଇ ଆସନ୍ତି । ପତିତପାବନ ଯାତ୍ରା ବା ରଥ ଯାତ୍ରାରେ ସାନ-ବଡ଼, ଧନୀ-ଦରିଦ୍ର, ବ୍ରାହ୍ମଣ-ଚଣ୍ଡାଳ ସମସ୍ତଙ୍କ ସହ ଏକାକାର ଜଣାପଡ଼େ ଯେ, ତାଙ୍କର ଅତିପ୍ରିୟ ଏହି ନବଦିନ ଯାତ୍ରାରେ ତାଙ୍କୁ ରଥ ଉପରେ ଦର୍ଶନ କରି ନିଜର ଦୁଃଖ ଜଣାଇ କେହି କେବେହେଲେ ନିରାଶ ହୋଇନାହିଁ । ମଣିଷ କର୍ମ ଅନୁସାରେ ଫଳ ପାଏ । ତାର ଭଲମନ୍ଦ ମରଣ କାଳରେ ଜଣାପଡ଼େ । ତେଣୁ ଭାଗବତରେ ଲେଖା ଅଛି - ‘କର୍ମ ଅନୁସାରେ ଫଳ ପାଇ । ପ୍ରାଣୀତା ଅବଶ୍ୟ ଭୁଞ୍ଜଇ ।। ପ୍ରାଣୀର ଭଲମନ୍ଦ ବାଣୀ । ମରଣ କାଳେ ତାହା ଜାଣି ।। ପରର ଉପକାର ନିମନ୍ତେ ଭାଗବତରେ ଲେଖା ଅଛି - ‘ଧନ୍ୟ ଏ ଜୀବନ ଜଗତେ । ଯେ ପ୍ରାଣୀ ଧରେ ପରହିତେ । ସର୍ବେ ଚଳିବେ କାଳବଳେ । ଯଶ ରହିବ ମହୀତଳେ ।।’ ଅନ୍ୟକୁ କଷ୍ଟ ଦେଇ ଧନ ଉପାର୍ଜନ କରିବା କେବେହେଲେ ସୁଖଦାୟକ ନୁହେଁ । ତେଣୁ ଭାଗବତରେ ଲେଖାଅଛି - ‘କଷ୍ଟେ ଅର୍ଜିତ ଯେତେ ଧନ । ସେ ନୁହେଁ ସୁଖେ ପ୍ରୟୋଜନ ।’ ସଂସାର ମାୟାଯୁକ୍ତ । ମାୟାରୁ ଦୂରରେ ରହିଲେ କାମ, କ୍ରୋଧ, ମୋହ, ଲୋଭ ଓ ଅହଂକାର ମନରେ ବ୍ୟାକୁଳତା ସୃଷ୍ଟି କରିପାରିବ ନାହିଁ । ତେଣୁ ଭାଗବତରେ ଲେଖାଅଛି - ‘ବୃକ୍ଷର ତଳେ ଯେହ୍ନେ ଆସି । ପଥିକ ବିଶ୍ରାମନ୍ତି ବସି, ତେମନ୍ତ ମାୟା ଏ ସଂସାର, କେ ପିତା କାହା କୁମର । ନୁହଁନ୍ତି ମାୟାରେ ମୋହିତ, ସେ ପ୍ରାଣୀ ମହା ଭାଗ୍ୟବନ୍ତ ।’ ଭାଗବତରେ ପ୍ରଥମ ଦଶଟି ସ୍କନ୍ଧର ସାରମର୍ମ ହେଉଛି - ଏକାଦଶ ସ୍କନ୍ଧ । ଦଶଟି ସ୍କନ୍ଧ ଭଗବାନଙ୍କର ସ୍ୱରୂପ ହେଲେ, ଏକାଦଶ ସ୍କନ୍ଧଟି ଭଗବାନଙ୍କର ମୁଖ ସ୍ୱରୂପ । ଏହାକୁ ମୁକ୍ତିର ସ୍କନ୍ଧ କୁହାଯାଏ । ଭାଗବତ ସନ୍ନ୍ୟାସକୁ ଗ୍ରହଣ କରେନାହିଁ । ଗୃହସ୍ଥାଶ୍ରମରେ ରହି ଆସକ୍ତି ରହିତ ଜୀବନଯାପନ କରବା ଭାଗବତରୁ ଶିକ୍ଷା ମିଳେ । ଭାଗବତର ସମର୍ପଣ ଭାବ ଅନୁସାରେ ସବୁକିଛି ସେହି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରି ଜୀବନ ବିତାଇଲେ କି ଆନନ୍ଦ ମିଳେ, ତାହା କେବଳ ଅନୁଭବୀ ହିଁ ବର୍ଣ୍ଣନା କରିପାରେ । ତାଙ୍କ ଚରଣରେ ମୋର କୋଟି କୋଟି ପ୍ରଣାମ ।

ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨୩

# ବାସ୍ତୁ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଗୃହଭିଟାର ନାମ ବାସ୍ତୁ । ମାନବ ବସତିରେ ସୁସ୍ଥ ସାମାଜିକ ଜୀବନ ପାଇଁ କେମିତି ଗୃହଭିଟା ରହିଲେ ବାସିନ୍ଦା ସର୍ବମଙ୍ଗଳ ହୋଇପାରିବ ତାହା ପାଇଁ ଆଦାବ କାଇଦା ନିୟମ ରହିଛି । ସହରରେ ଲୋକେ ଖୁନ୍ଦି ଖୁନ୍ଦି ହୋଇ ଗୃହ ନିର୍ମାଣ କରିଚାଲିଛନ୍ତି । ଗୃହ ନିର୍ମାଣ ପାଇଁ ଭୂମି ଚୟନ ଧାରାକୁ ପଛକୁ ପକାଇ ଯେନତେନ ପ୍ରକାରରେ ଖଣ୍ଡିଏ ଜମି ହାସଲ କରି ନେବା ଓ ତହିଁରେ ଗୃହ ନିର୍ମାଣ କରି ମୁଣ୍ଡ ଗୁଞ୍ଜିବା ଏବେ ଏକ ବଡ଼ କାର୍ଯ୍ୟ ହୋଇଗଲାଣି । ଅନେକ ଜମି କିଣି ଘର କରିବାକୁ ସମୟ ସୁବିଧା ପାଉନାହାଁନ୍ତି କୌଣସି କମ୍ପାନୀର ନିର୍ମିତ ଆପାର୍ଟମେ[ର ଭାଡ଼ିଘରରୁ ଏକ ଅଂଶ କୌଣସି ଥାକରୁ କିଣି ବସତି କରୁଛନ୍ତି । କିଏବା ଜମି ଛୋଟିଆ ଖଣ୍ଡିଏ ସ୍ୱ ବଜେଟ ଅନୁଯାଇ କିଣି ଘରଟିଏ କରୁଛନ୍ତି ମାତ୍ର ଜମିକୁ ଚଳପ୍ରଚଳ ରାସ୍ତା ପ୍ରଶସ୍ତ ନାହିଁ କି ଜମିରୁ ଜଳ ନିଷ୍କାସନରେ ମାର୍ଗ ନାହିଁ । ଘରକୁ ବ୍ୟାପକ ପବନ ସୂର୍ଯ୍ୟ କିରଣ ଆସିବା ଉପାୟ ନାହିଁ । ନିଜର ବଂଶ ପରମ୍ପରା ଗୃହର ଦିଅଁ ଦେବତା ପର୍ବାଦିକୁ ପଛକୁ ପକାଇ ମନୋଜ୍ଞ ଦିଅଁ ପୂଜା ପାର୍ବଣ ଆପଣେଇ ନେଲେଣି । କାନୁନ ବି ସେପରି ହୋଇଗଲା । ଯୌଥ ପରିବାର ପାଇଁ ସରକାର କୌଣସି ଭଲ ନିୟମ କରୁନାହାଁନ୍ତି କେବଳ ପୁରୁଷଟିଏ ନାରୀ ଟିଏ ଓ ସେମାନଙ୍କର ପିଲା ଏହାକୁ ବାଦ ସେମାନଙ୍କର ବାପା ମାଆ ଭାଇ ଭଉଣୀ ପରିବାରକୁ ସରକାର ନେଉନାହାଁନ୍ତି । ପ୍ରତି ସ୍ଥାନର ଭିଟାମାଟି କି ପ୍ରକାର ନିର୍ମାଣ ରହିଲେ ଥାନା, ଡାକ୍ତରଖାନା, ସରକାରୀ ଅଫିସ, ଲୋକଙ୍କ ବାସଗୃହ, ଶିକ୍ଷାୟତନ ରାସ୍ତା, ରାସ୍ତାର ଦିଗ ପରିବର୍ତ୍ତନ ବାଙ୍କ, ନଦୀ ନାଳର ଧାରରୁ କେଉଁପଟ ସରଳ ଜଟିଳ ବାସଭୂମି ହେବ । ସବୁ ନିୟମର ପକାଇ ବାସ କଲେ ଅନେକ ଜଟିଳତା ଶାନ୍ତି ହୋଇଯିବ । ଥାନା ପୋଲିସଙ୍କର କାର୍ଯ୍ୟାଳୟ, ଯାହା ମଙ୍ଗଳ ଗ୍ରହର କତୃତ୍ୱରେ । ସ୍ଥାନର ଦକ୍ଷିଣ ଅଗ୍ନୀ କୋଣରେ ଥାନା ରଖାଗଲେ ସ୍ଥାନର ସମସ୍ୟା କମିଯିବ । ପ୍ରତି ସ୍ଥାନରେ ଜଳ ଉତ୍ସ ଉତରପୂର୍ବରେ ସ୍ଥାନକୁ ଜଳ ପ୍ରବେଶ ଏହି କୋଣରୁ କରାଗଲେ ଲୋକେ ସୁସ୍ଥ ରହିପାରିବେ । ନଦୀ ନାଳର ଜଳ ସ୍ଥାନର ପଶ୍ଚିମରୁ ପୂର୍ବକୁ ବା ଦକ୍ଷିଣରୁ ଉତରକୁ ବହୁଥିଲେ ସେ ସ୍ଥାନର ଉନ୍ନତି ସର୍ବଦା ରହିଥାଏ । କଟକ ସହରରେ ଦେଖନ୍ତୁ ପଶ୍ଚିମରୁ ପୂର୍ବକୁ ଦକ୍ଷିଣରୁ ଉତରକୁ ନଦୀ ବହୁଛି । ଗଙ୍ଗା ପଶ୍ଚିମରୁ ପୂର୍ବକୁ ମହାନଦୀ ପଶ୍ଚିମରୁ ପୂର୍ବକୁ ବହୁଛି ମାତ୍ର ଯେଉଁଠାରେ ନଦୀର ଜଳଧାରା ଦିଗ ବଦଳାଉଛନ୍ତି ସେଠାରେ ସମସ୍ୟାମାନ ଉତ୍‌ଥାପିତ ହେଉଛି । ସିନ୍ଧୁ ଇଶାନରୁ ନୈରତକୁ ବହୁଛି ଏହା ଭାରତ ପାକିସ୍ଥାନ ମଧ୍ୟରେ ବିବାଦ କରାଉଛି । ଏପରି ଅନେକ ସ୍ଥାନ ବହୁ ସ୍ଥାନରେ ଅଛି । ସ୍ରୋତସ୍ୱିନୀ ଜଳଧାରା ବିଦ୍ୟୁତ ଗ୍ୟାସ ପାଇପ ପ୍ରତି ଗୃହକୁ କେଉଁ ଦିଗରୁ ପ୍ରବେଶ କରିଲେ ଭଲ ହେବ ଏହାକୁ ଜାଣିବା ଦରକାର । ଜଳ ବାସ୍ତୁରେ ଇଶାନ ବିଦ୍ୟୁତ ଅଗ୍ନିକୋଣ ଗ୍ୟାସର କ୍ରିୟା ରୋଷେଇ ଘର ବା ଫର୍ଣ୍ଣେସରେ କରାଯିବା ଯୋଗୁ ତାକୁ ବି ଅଗ୍ନି କୋଣରେ କରାଯିବା ଯୋଗୁ ତାକୁ ବି ଅଗ୍ନିକୋଣରେ କରାଯିବା ଆବଶ୍ୟକ ୱାୟରିଂ ବେଳେ ପଶ୍ଚିମରୁ ପୂର୍ବକୁ ଦକ୍ଷିଣରୁ ଉତରକୁ ବିଦ୍ୟୁତ ପ୍ରବାହର ଉତ୍ସ ରଖାଯିବା ଆବଶ୍ୟକ ଏହା ନକଲେ ଘରେ ବିଦ୍ୟୁତଜନିତ ଅସୁବିଧା ମଧ୍ୟରେ ମଧ୍ୟରେ ଦେଖାଯିବ ।

ବରେଣ୍ୟ ବାଣୀ’ ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ

# ଜିଏସଟିରେ ପ୍ରସ୍ତାବିତ ସଂସ୍କାର



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦ୍ରବ୍ୟ ଓ ସେବା କର (ଜିଏସଟି) ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ହେଉଛି ସାହାସିକ ଏବଂ ସମୟୋପଯୋଗୀ ବୋଲି କୁହାଯାଇପାରିବ । ୭୯ତମ ସ୍ୱାଧୀନତା ଦିବସ ଉତ୍ସବରେ ଲାଲକିଲ୍ଲାରେ ଦେଶବାସୀଙ୍କୁ ସମ୍ବୋଧିତ କରିବା ଅବସରରେ ଜିଏସଟି ସ୍ଲାବରେ ଆସନ୍ତା ଦୀପାବଳୀ ପୂର୍ବରୁ ହ୍ରାସ ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ଏଣିକି ଜିଏସଟି ୪ଟି ନୁହେଁ, ୨ଟି ସ୍ଲାବ ବିଶିଷ୍ଟ ହେବା ନେଇ ଅର୍ଥମନ୍ତ୍ରାଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏବେ ଦେଶରେ ଚାରୋଟି ତଥା ୫%, ୧୨% ଏବଂ ୨୮% ଆକାରରେ ଜିଏସଟି ସ୍ଲାବ ରହିଛି । ଏହାକୁ କେବଳ ୫% ଏବଂ ୧୮ ପ୍ରତିଶତ ସ୍ଲାବରେ ସୀମିତ ରଖାଯିବା ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଏହାଦ୍ୱାରା ଉଭୟ ମଧ୍ୟବିତ ଏବଂ ବ୍ୟବସାୟୀ ସମୁଦାୟ ଲାଭବାନ ହେବା ନେଇ ମନ୍ତ୍ରଣାଳୟ ଦାବି କରିଛି । କୁହାଯାଇଛି ଯେ, ୯୯ପ୍ରତିଶତ ସାମଗ୍ରୀର ସ୍ଲାବ ବା ଟିକସ ହାର ୧୨ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯିବ । ସେହିପରି ୯୦ ପ୍ରତିଶତର ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯିବ । ଯାହାକି ଖାଉଟିଙ୍କ ଉପରୁ ଟିକସର ବୋଝ ହ୍ରାସ କରିବ । କେବଳ ଏତିକି ନୁହେଁ, ସ୍ଲାବର ନମ୍ବର ହାର ଅନୁପାତରେ ଏବଂ ବିଭିନ୍ନ ସାମଗ୍ରୀର ଟିକସହାର ହ୍ରାସ ଉଭୟ ଅସ୍ପଷ୍ଟତା ବା ଦ୍ୱୈର୍ଥତା ଏବଂ ମାମଲା ହ୍ରାସ କରିବା ନେଇ ଆଶା କରାଯାଏ । ଯାହା ଏବେ ଚଳିତ ଜିଏସଟି ଢାଂଚା ସହ ବ୍ୟବସାୟ କ୍ଷେତ୍ରରେ ସବୁଠୁ ବଡ ସମସ୍ୟା ଭାବେ ଉଭା ହୋଇଛି । ସେହିପରି ରିଟର୍ଣ୍ଣ ଫାଇଲିଂ, ପ୍ରାପ୍ୟ ଫେରସ୍ତ, ପଂଜୀକରଣ କ୍ଷେତ୍ରରେ ଜିଏସଟିରେ ସଂସ୍କାର ଏବଂ ଟିକସ ହାର ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ଆହୁରି ମଧ୍ୟ ଜିଏସଟିର ସରଳୀକରଣ କେବଳ ସାମଗ୍ରୀର ମୂଲ୍ୟ ହ୍ରାସ କରିବ ନାହିଁ, କରଦାତାମାନଙ୍କ ପାଇଁ ମଧ୍ୟ ଟିକସ ପଇଠରେ ସହଜସାଧ ହେବ । ସହଜଜସାଧ ପଂଜୀକରଣ, ସରଳୀକୃତ ରିଟର୍ଣ୍ଣସ ଏବଂ ଫେରସ୍ତକୁ ତ୍ୱରାନ୍ୱିତ କରିବା ନିଶ୍ଚିତ ଭାବେ କେନ୍ଦ୍ର ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ବିବେଚିତ ହେବ । ଉଲ୍ଲେଖଯୋଗ୍ୟ ଯେ, ଆୟକର କ୍ଷେତ୍ରରେ ବ୍ୟାପକ ସରଳୀକରଣ ପାଇଁ ନିକଟରେ କେନ୍ଦ୍ର ସରକାର ପାର୍ଲିଆମେଂଟରେ ସଂଶୋଧିତ ଆୟକର ବିଲ୍ ଆଗତ କରିଛନ୍ତି । ଜିଏସଟିରେ ସଂସ୍କାର ଏବଂ ଆୟକରରେ ସଂଶୋଧନ ୨୦୨୫ ଟିକସ ସଂସ୍କାରର ବର୍ଷ ଭାବେ ବିବେଚିତ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ମନେ କରେ । ଏହା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ କ୍ଷେତ୍ରରେ ଖାଉଟି ଓ ବ୍ୟବସାୟୀଙ୍କ ପାଇଁ ଲାଭଦାୟକ ହେବ । ଏହା ନିସନ୍ଦେହ ଯେ, ଜିଏସଟି ଟିକସ ହାର ହ୍ରାସ ଦେଶର ରାଜସ୍ୱ ଆୟ ହ୍ରାସ କରିବ । କିନ୍ତୁ ଦର ବା ମୂଲ୍ୟ ହ୍ରାସ ଯୋଗୁଁ ଖାଉଟିଙ୍କ ଚାହିଦା ବୃଦ୍ଧି ପାଇବ, ଯାହାକି ଦେଶର ଅର୍ଥନୀତି ପାଇଁ ସହାୟକ ହେବା ନେଇ କେନ୍ଦ୍ର ସରକାର ଦୃଢ ନିଶ୍ଚିତ ଥିବାନେଇ ମନେହୁଏ । ସେହିପରି ଜିଏସଟି ଢାଂଚା ତଥା ଟିକସ ହ୍ରାସ, ସହଜସାଧ ପଂଜୀକରଣ, ସରଳୀକୃତ ରିଟର୍ଣ୍ଣ ଫାଇଲଂ ଏବଂ ଫେରସ୍ତ ବ୍ୟବସ୍ଥା ଯୋଗୁଁ ଟିକସ ଫାଙ୍କି ଓ ଦୁର୍ନୀତି ଲୋପ ପାଇବା ନେଇ ସରକାର ଆଶାବାଦୀ । ଉଲ୍ଲେଖଯୋଗ୍ୟ ୨୦୧୭ ମସିହାରେ ଦେଶରେ ଯେତେବେଳେ ଜିଏସଟି ବ୍ୟବସ୍ଥା ଲାଗୁ କରାଯାଇଥିଲା, ସେତେବେଳେ ସରକାର ଦରଦାମ କମିବା ନେଇ ଆଶ୍ୱାସନା ଦେଇଥିଲେ । ମାତ୍ର ବାସ୍ତବ କ୍ଷେତ୍ରରେ ଜିଏସଟି ଲାଗୁ ପରେ ବିଭିନ୍ନ ସାମଗ୍ରୀର ଦରଦାମ ଆଶାତୀତ ଭାବେ ବୃଦ୍ଧି ପାଇଥିଲା ସେହିପରି ଅତ୍ୟାବଶ୍ୟକୀୟ ଖାଦ୍ୟସାମଗ୍ରୀ ଜିଏସଟି ମୁକ୍ତ ହେବା ନେଇ ସରକାର ଉଭୟ ପାର୍ଲିଆମେଂଟ ଭିତରେ ଓ ବାହାରେ ବାରମ୍ବାର ଘୋଷଣା କରିଥିବା ସତ୍ତ୍ୱେ ମୂଲ୍ୟ ବୃଦ୍ଧି ଘଟିଲା । ଏପରିକି ସରକାର ଗରିବଙ୍କ ସକାଳର ଜଳଖିଆ ଭାବେ ପରିଚିତ ମୁଢି, ଚୂଡାକୁ ଜିଏସଟି ପରିସରଭୁକ୍ତ କରିଥିଲେ । ସେହିପରି କୌଣସି ପୂଜା ସାମଗ୍ରୀ ମଧ୍ୟ ଜିଏସଟିରୁ ବାଦ୍ ପଡିନଥିଲା । ରାଜସ୍ୱ ସଂଗ୍ରହ ସରକାରଙ୍କର ଜିଏସଟି ଲାଗୁର ମୁଖ୍ୟ ଲକ୍ଷ ଥିଲା । ଦରଦାମ ବୃଦ୍ଧି କ୍ରମଶଃ ଜନସାଧାରଣଙ୍କ ଦେହସୁହା ହୋଇଥିବାବେଳେ ଖାଉଟିଙ୍କ ଚାହିଦା ହ୍ରାସ ଏବଂ ମଧ୍ୟବିତଙ୍କ ସଂଚୟ ହ୍ରାସ ମୁଣ୍ଡବ୍ୟଥାର କାରଣ ଭାବେ ଉଭା ହୋଇଥିଲା । ବିଭିନ୍ନ ସାମଗ୍ରୀ ଉପରୁ ଟିକସ ହ୍ରାସ ନିଶ୍ଚିତ ଭାବେ ଖାଉଟିଙ୍କ ବ୍ୟୟ ଚାହିଦାକୁ ବୃଦ୍ଧି କରିବ । କିନ୍ତୁ ରାଜସ୍ୱ ଆୟ ହ୍ରାସ ପାଇବ । ରିଜର୍ଭ ବ୍ୟାଙ୍କର ଆକଳନ ଅନୁଯାୟୀ ଏବେ ଦେଶରେ ଜିଏସଟିର ହାରାହାରି ଟିକସ ହାର ୧୧.୬ ପ୍ରତିଶତ ଥିବାବେଳେ ସ୍ଲାବ ହ୍ରାସ ଯୋଗୁଁ ଅର୍ଥନୀତି ଆଘାତ ପ୍ରାପ୍ତ ହେବ । ଅନ୍ୟପକ୍ଷରେ କେନ୍ଦ୍ରୀୟ ଟିକସ ଅଂଶ ବୃଦ୍ଧି ପାଇଁ ଷୋଡଶ ଅର୍ଥକମିଶନଙ୍କ ନିକଟରେ ରାଜ୍ୟଗୁଡିକର ଦାବି ମଧ୍ୟ ବୃଦ୍ଧି ପାଇଛି । କେନ୍ଦ୍ର ସରକାର ଏହାର କିପରି ସମାଧାନ କରିବେ ଭବିଷ୍ୟତ କହିବ । ଆହୁରି ମଧ୍ୟ ପେଟ୍ରୋଲିୟମ ଜାତ ସାମଗ୍ରୀ ତଥା ପେଟ୍ରୋଲ, ଡିଜେଲ ଖୁବ ଶୀଘ୍ର ଜିଏସଟି ପରିସରଭୁକ୍ତ ହେବା ସମ୍ଭାବନା ଥିବାରୁ ରାଜ୍ୟଗୁଡିକ ବିଶେଷ ଆର୍ଥୀକ କ୍ଷତିର ସମ୍ମୁଖୀନ ହେବା ସମ୍ଭାବନା ଅଧିକ ରହିଛି । କାରଣ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, କିରୋସିନୀରୁ ରାଜ୍ୟଗୁଡିକ ସର୍ବାଧିକ ରାଜସ୍ୱ ଆୟ କରିଥାନ୍ତି । ଏହାକୁ ରାଜ୍ୟଗୁଡିକ ସିଧାସଳଖ ମଧ୍ୟ ବିରୋଧ କରିପାରିବେ ନାହିଁ । ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ, କିରୋସିନୀ ଜିଏସଟିଭୁକ୍ତ ହେଲେ, ମୂଲ୍ୟ କମିବା ସହ ଖାଉଟି ସର୍ବାଧିକ ଲାଭବାନ ହେବେ । ତେଣୁ ରାଜ୍ୟଗୁଡିକ ପୁଣି ଥରେ କେନ୍ଦ୍ର ନିକଟରୁ ଅଧିକ କ୍ଷତିପୂରଣ ଦାବି କରିପାରନ୍ତି । ତେବେ ଏହାର ସମାଧାନ କେନ୍ଦ୍ର ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ, ଏଥିରେ ସନ୍ଦେହ ନାହିଁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ଅଦୃଶ୍ୟ ଶକ୍ତି



ଆଶୁତୋଷ ନାୟକ

ସୃଷ୍ଟିର ଆରମ୍ଭରୁ ଏହା ପ୍ରମାଣିତ ଯେ ପ୍ରକୃତି ବିଜ୍ଞାନ ଠାରୁ ବଳଶାଳୀ । ମଣିଷ ନିଜର ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ମଧ୍ୟ ପ୍ରକୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଅସମ୍ଭବ । ଯେଉଁ ମନୁଷ୍ୟ ମାନେ ଭଗବାନଙ୍କର ଅସ୍ତିତ୍ୱ ଉପରେ ସର୍ବଦା ପ୍ରଶ୍ନବାଚ଼ୀ ସୃଷ୍ଟି କରନ୍ତି ସେମାନେ ଜାଣି ରଖିବା ଉଚ଼ିତ ପ୍ରକୃତିର ସୃଷ୍ଟି ବିଜ୍ଞାନର ଅନ୍ତରୁ ହିଁ ଆରମ୍ଭ ହୋଇଥାଏ । ନିଜର ଅର୍ଥ, ବ୍ୟାଙ୍କ ବାଲାନ୍ସ, ପ୍ରତିଷ୍ଠା, କ୍ଷମତା,ସୁନ୍ଦର ଆକର୍ଷଣୀୟ ଚେହେରା ପାଇଁ ଅହଂକାର କରୁଥିବା ମନୁଷ୍ୟ ଆଜି କିନ୍ତୁ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ବଂଚିବା ପାଇଁ ସଂଗ୍ରାମ କରୁଛି ।

ଏକବିଂଶ ଶତାବ୍ଦୀର ମନୁଷ୍ୟ କୃତିମ ବୃଦ୍ଧିମତା ପ୍ରୟୋଗ କରି ଅନେକ ଅସାଧ୍ୟ କର୍ମ ସଂପାଦନ କରୁଛି । କୃତିମ ବୃଦ୍ଧିମତା ଦ୍ୱାରା ଅନେକ ଘାତକ ଦୁରାରୋଗ୍ୟ କ୍ୟାନସର, ହାର୍ଟଷ୍ଟୋକ, ବ୍ରେନଷ୍ଟୋକ, ହାର୍ଟ ଅପେରସନ, କିଡ଼ନୀ ଟ୍ରାନ୍ସପ୍ଲା[ ଇତ୍ୟାଦି ସହଜରେ ଚ଼ିକିତ୍ସା କରାଯାଇ ପାରୁଛି । ବିଭିନ୍ନ ଅତ୍ୟାଧୁନିକ ସାଟେଲାଇଟ, ମିଶାଇଲ, ଇତ୍ୟାଦିର ପ୍ରେରଣ ସମ୍ଭବ ହୋଇପାରୁଛି । ଏକବିଂଶ ଶତାବ୍ଦୀର ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ବଳରେ ବଳୀୟାନ ହୋଇ ବିଜ୍ଞାନ ଦ୍ୱାରା ଅସମ୍ଭବ କୁ ସମ୍ଭବ କରୁଛି କିନ୍ତୁ ସବୁ କିଛି ଥାଇ ମଧ୍ୟ ଏ ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ଅଗଣିତ ପ୍ରାଣୀଙ୍କ ମଧ୍ୟରେ ନିଜକୁ ସର୍ବଶକ୍ତିମାନ, ବୃଦ୍ଧିମାନ ପ୍ରାଣୀ ଭାବେ ବିବେଚ଼ନା କରୁଥିବା ରକ୍ତମାଂସଧାରୀ ମନୁଷ୍ୟ ପ୍ରକୃତି ପାଖରେ ଅସହାୟ ହୋଇପଡୁଛି । ଯେତେବେଳେ କୌଣସି ପ୍ରାକୃତିକ ଦୁର୍ବିପାକ ଯେପରି ଭୂମିକମ୍ପ, ସୁନାମି, ପ୍ରଳୟକାରୀ ବନ୍ୟା, ବାତ୍ୟା, ଘୁର୍ଣ୍ଣିଝଡ଼ ପରି ବିପଦକୁ ସାମନା କରୁଛି ସେତେବେଳେ କୌଣସି ଉପାୟ ନପାଇ ନିଜ ଜୀବନ ବଂଚାଇବା ପାଇଁ ଈଶ୍ୱରଙ୍କ ପାଖରେ ଆକୁଳ ନିବେଦନ କରୁଛି କାରଣ ସେତେବେଳେ ହିଁ ମନୁଷ୍ୟ ଈଶ୍ୱରଙ୍କ ସତା ଉପଲବ୍ଧି କରୁଛି ଯେତେବେଳେ ସେ ବଂଚିବାର ରାହା ଖୋଜୁଛି । ସେ ଅଦୃଶ୍ୟ ଶକ୍ତି ଈଶ୍ୱରଙ୍କ ବ୍ୟତୀତ ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କୌଣସି ଶକ୍ତି ମନୁଷ୍ୟକୁ ଭୟଙ୍କର ବିପତିରୁ ଉଦ୍ଧାର କରିବାର ସାମର୍ଥ ନାହିଁ ସେତେବେଳେ ମନୁଷ୍ୟ ଉପଲବ୍ଧି କରୁଛି ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ପୁଳାପୁଳା ଟଙ୍କା, ବାଟି ବାଟି ସମ୍ପତିରେ ଲୋଭାସ୍ତକ ହୋଇ ନିଜର ପରିବାର, ସ୍ତ୍ରୀ, ସନ୍ତାନ, ବନ୍ଧୁ ପରିଜନମାନଙ୍କୁ ହତ୍ୟା କରିବାକୁ ମଧ୍ୟ ପଛଘୁଞ୍ଚା ଦିଅନ୍ତି ନାହିଁ ।

କରୋନା ମହାମାରୀ ସମୟରେ ନିଜକୁ ସବୁଠାରୁ ବଳଶାଳୀ ମନେକରୁଥିବା ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ଗୃହବନ୍ଦୀ ହୋଇରହିଥିଲା । ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷିଆ, ଜାପାନ, ଚ଼ୀନ, ଫ୍ରାନ୍ସ, ଜର୍ମାନୀ ଇତ୍ୟାଦି କରୋନା ଭୁତାଣୁ ଆଗରେ ନତମସ୍ତକ ହୋଇପଡିଥିଲା । ସେମାନଙ୍କ ଅତ୍ୟାଧୁନିକ ଚ଼ିକିତ୍ସା ବ୍ୟବସ୍ଥା, ଉନ୍ନତ ଜ୍ଞାନକୌଶଳ ସବୁକିଛି ବ୍ୟର୍ଥ ହୋଇଯାଇଥିଲା । ବିକଶିତ ରାଷ୍ଟ୍ର ମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡିଥିଲା ।ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରୁଥିଲେ । ଅନେକ ବ୍ୟକ୍ତିଙ୍କ ଖାଦ୍ୟ ଅଭାବରୁ ସେ ସମୟରେ ଜୀବନ ପ୍ରଦୀପ ଲିଭିଯାଇଥିଲା । ପ୍ରାଣଘାତୀ ମାରାତ୍ମକ କରୋନା ଭୁତାଣୁ ପାଖରେ ସମଗ୍ର ବିଶ୍ୱ ଯେପରି ଅସହାୟ ଓ ନିରୁପାୟ ହୋଇପଡିଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଂଚାଇପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି ।

‘ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ‘ ।

ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଂଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚ଼ି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚ଼ରିତ୍ର ଠିକ୍ ସେହିପରି । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ବୃଦ୍ଧିମାନ ଜୀବ ହେଉଛି ମଣିଷ । ମନୁଷ୍ୟ ନିଜର ବୃଦ୍ଧି ଓ ବିବେକ ବଳରେ ଜଳ, ସ୍ଥଳ, ଆକାଶ ପଥରେ ନିଜର ଆଧିପତ୍ୟ ବିସ୍ତାର କରିଛି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ମନୁଷ୍ୟ ନିଜର ବୃଦ୍ଧି ଅସତ ଉପାୟରେ ପରିଚ଼ାଳିତ କରି ପ୍ରକୃତି ଉପରେ ଅନବରତ ଅତ୍ୟାଚ଼ାର କରିଚ଼ାଲିଛି ଏବଂ ନିଜର ଅର୍ଥବଳ, ବାହୁବଳ ପ୍ରୟୋଗ କରି ଦୁର୍ବଳ ଉପରେ ଅତ୍ୟାଚ଼ାର କରିଚ଼ାଲିଛି । ନିଜର ସ୍ୱାର୍ଥସାଧନ ପାଇଁ ମନୁଷ୍ୟ ଜଙ୍ଗଲ, ଗଛଲତା, ବନ୍ୟପ୍ରାଣୀ, ଜୀବଜନ୍ତୁ ଧ୍ୱଂସ କରିଚ଼ାଲିଛି । ସେଥିପାଇଁ ଜଳବାୟୁର ଅସ୍ୱାଭାବିକ ପରିବର୍ତନ ଘଟୁଛି । ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଆମ ପାଇଁ ସତର୍କ ଘଂଟି । ଆମେ ନିଜେ ହିଁ ନିଜର ଧ୍ୱଂସ କରୁଛୁ । ସେଥିପାଇଁ କୁହାଯାଏ ‘ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତାର ପ୍ରତିବାଦୀ ‘ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି । ସବୁକିଛି ସୁଖ ସ୍ୱାଚ୍ଛଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା,ସୁନା,ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଆବସାଦ ଏବଂ ଅତ୍ୟଧିକ ଚ଼ାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚ଼ପ୍ରଦସ୍ତ ଅଧିକାରୀ, ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି । ଏହାର ଅନେକ ଦୃଷ୍ଟାନ୍ତ ରହିଛି । ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚ଼ରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର ।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚ଼ରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚ଼ି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚ଼ି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି ।

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚ଼ିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ ।

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚ଼ାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତି ବଶତଃ ‘ଧର୍ମ ‘ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚ଼ାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚ଼ାର ସହିବାକୁ ପଡିଥିଲା । ଏପରିକି ପରବର୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚ଼ାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ,ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍‌ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚ଼ୀନ ଅଟେ । ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚ଼ାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି । କେହି କୃତ୍ରାପି କୌଣସି ଧର୍ମ ପତି ବିଦ୍‌ୱେଷ ଭାବ ପୋଷଣ କରି ନାହାନ୍ତି । ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ । ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ । ଭଗବାନ ଶ୍ରୀରାମ ସତ୍ୟ,ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତିମନ୍ତ ପ୍ରତୀକ ଥିଲେ । ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ । ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚ଼ନୀଚ଼ର ଭେଦଭାବ ନଥିଲା । ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚ଼ିତ ନୁହେଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ । ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚ଼ରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ । ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ । ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଂଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚ଼ିତ । ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ,ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚ଼ିତ । ଯେପରି ମର୍ଯ୍ୟାଦା ପୁରୁଷୋତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭାତ୍ରା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚ଼ୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ । ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍‌ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍‌ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗା ପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍‌ରୌଣାଚ଼ାର୍ଯ୍ୟ, ପଂପାଣ୍ଡବ, ଦ୍ରୁତରାଷ୍ଟ୍ର ପ୍ରଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେନାହିଁ ।ସେତେବେଳେ ନିରୁପାୟ ହୋଇ ଦ୍‌ରୌପଦୀ ସମ୍ପୂର୍ଣ୍ଣ ସମର୍ପିତ ଭାବରେ ‘ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ ବୋଲି ଆକୁଳ ନିବେଦନ କଲେ ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍‌ରୌପଦୀ ଙ୍କ ଲଜ୍ୟା ନିବାରଣ କଲେ ।

ଚ଼ାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତା ପ୍ରଦାନ କରିଛନ୍ତି ।ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ଭି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୁଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଠା ଖାଇବାରେ କୌଣସି ସଂକୋଚ଼ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ କାଳବିଳମ୍ବ ନକରି ପହଂଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ ।ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ସେଥିପାଇଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ ।

ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ ।ସେଥିପାଇଁ କୁହାଯାଏ ‘ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି ‘ ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟକୁ ଆଚ଼ମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ ।ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ-୭୦୨୦୬୧୧୩୦୦

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday August 21 | ଭୁବନେଶ୍ୱର ଗୁରୁବାର, ୨୧, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ପିସିସି ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସ ପାଳିତ





ଭୁବନେଶ୍ୱର , ପି.ଏନ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମଚନ୍ଦ୍ର କାଡାମ, ପ୍ରସାଦ ହରିଚନ୍ଦନ, ନଗେନ୍ଦ୍ର ପ୍ରଧାନ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ସମୀର କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ଅମିୟ ପଟ୍ଟନାୟକ, ବିଶ୍ୱଜିତ ଦାଶ, ସୁଦର୍ଶନ ଦାସ, ମାନସ ମଲ୍ଲିକ, ପ୍ରଶାନ୍ତ ଚମ୍ପତି, ପ୍ରଣତି ମିଶ୍ର, ମାନସ ରଞ୍ଜନ ଆଚାର୍ଯ୍ୟ,ଜ୍ୟୋତିଷ ସାହୁ, ଚିନ୍ମୟ ସୁନ୍ଦର ଦାସ, ସୁଶାନ୍ତ ତ୍ରିପାଠୀ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ତରୁଣ ମିଶ୍ର, ଲିଙ୍ଗରାଜ ସାହୁ, ମନୋରଞ୍ଜନ ରାଉତରାୟ, ଶଶିଭୂଷଣ ପଣ୍ଡା, ଭାସ୍କର ସେଠୀ, ମୋଟରାଜ ଡୁଙ୍ଗଡୁଙ୍ଗ, ବିଜୟ ଦ୍ୱିବେଦୀ, ମିହିର ଆଚାର୍ଯ୍ୟ, ରାଜକିଶୋର ବାରିକ, ସୁଧାଂଶୁ ମହାନ୍ତି, ଦୟାନିଧି ମହାପାତ୍ର, ଆଲୋକ ମହାନ୍ତି, ବାସନ୍ତୀ ସାମଲ, କୃଷ୍ଣା ସେନାପତି, ଦେବେନ୍ଦ୍ର ଦାସ, ଉଷାରାଣୀ ବେହେରା, ସୁଭାଷ ପ୍ରଧାନ, ଖଗେଶ୍ୱର ମଲ୍ଲିକ, ତାପସ ସେଠୀ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

# ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟସ୍ଥିତ ଇନ୍ଦିରା ଭବନଠାରେ ରାଜୀବ ଗାନ୍ଧୀଙ୍କ ୮୧ ତମ ଜନ୍ମ ଜୟନ୍ତୀ ପାଳନ

କୋଣାର୍କ( ପି ଏନ) ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ, ସ୍ଥାନୀୟ ଇନ୍ଦିରା ଭବନ ଠାରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ପ୍ରକୋଷ୍ଠ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ମାନସ କୁମାର ମଲ୍ଲିକ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀ ଙ୍କ ବ୍ୟକ୍ତିଗତ ଜୀବନ ଠାରୁ ଆରମ୍ଭ କରି ରାଜନୈତିକ ନିଷ୍ପତ୍ତି ଯଥା ଗ୍ରାମାଞ୍ଚଳ ଉନ୍ନତି ପାଇଁ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରିଥିଲେ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତରେ ବୈପ୍ଲବିକ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଥିଲେ । ସେହିପରି ଓଡ଼ିଶା ରାଜ୍ୟ ଓ.ଆର.ଭି ଆକ୍ଟ+୧୯୭୫ ଅର୍ଥାତ୍ ଓଡ଼ିଶା ପଦବୀ ଏବଂ ସେବାରେ ଖାଲି ପଦବୀ ସଂରକ୍ଷଣ (ଅନୁସୂଚିତ ଜାତି ଏବଂ ଜନଜାତି ପାଇଁ) ଆଇନ, ୧୯୭୫,କୁ ସଠିକ ଭାବେ କାର୍ଯ୍ୟକାରୀ କରୁନାହାନ୍ତି । ସରକାର ଙ୍କ କୈଣସି ବିଭାଗ ରେ ଆଇନ ର ରୁଲ ୩ ଅନୁଯାୟୀ ରୋଷ୍ଟର ମଧ୍ୟ ଉପଲବ୍ଧ ହେଉନାହିଁ । ଆଇନର ଧାରା ୧୫ ଅନୁଯାୟୀ ଓଡ଼ିଶା ବିଧାନ ସଭା ର ଯେଉଁ ତଦାରଖ କମିଟି ହେବା କଥା ତାହା ମଧ୍ୟ ଦୀର୍ଘ ବର୍ଷ ହେବ ହୋଇନାହିଁ । ସେହିପରି ୯୩ତମ ସମ୍ବିଧାନ ସଂଶୋଧନ କୁ ରାଜ୍ୟ ସରକାର ଆଇନରେ ପରିଣତ କଲେ ଦୁର୍ବଳ ବର୍ଗର ଲକ୍ଷାଧିକ ଛାତ୍ରଛାତ୍ରୀ ବେସରକାରୀ ଶିକ୍ଷାନୁଷ୍ଠାନରେ ମାନଙ୍କରେ ସଂରକ୍ଷଣ ପାଇ ଶିକ୍ଷା ଲାଭ ସୁଯୋଗ ପାଇପାରନ୍ତେ କିନ୍ତୁ ଓଡ଼ିଶା ସରକାର ଦୁର୍ବଳ ବର୍ଗ ଯଥା ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ମାନଙ୍କର ତଥା କଂଗ୍ରେସ ଦଳର ଦୀର୍ଘ ଦିନର ଦାବିକୁ କର୍ଣ୍ଣପାତ କରୁନାହାନ୍ତି । ଯଦି ସରକାର ଖୁବ୍ ଶୀଘ୍ର ଏଦିଗରେ ସବିଶେଷ ପଦକ୍ଷେପ ଗ୍ରହଣ ନ କରନ୍ତି ରାଜ୍ୟ କଂଗ୍ରେସ ଆଇନ ଅମାନ୍ୟ ଆନ୍ଦୋଳନ ତଥା ରାଜ୍ୟବ୍ୟାପୀ ବିରୋଧ ପ୍ରଦର୍ଶନ କରିବ ବୋଲି ଶ୍ରୀଯୁକ୍ତ ମଲ୍ଲିକ କହିଥିଲେ ।ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ ରାଜେଶ କୁମାର ମିଶ୍ର ଙ୍କ ସଂଯୋଜନାରେ ଉତ୍ତମ ଆଚାର୍ଯ୍ୟ, ପୁଷ୍କର ମହାପାତ୍ର, ସୁଜିତ ମହାପାତ୍ର, ପ୍ରେମାନନ୍ଦ ମହାନ୍ତି, ସରସ୍ୱତୀ ପାତ୍ର, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ସୀତାକାନ୍ତ ମହାନ୍ତି, ବିଦ୍ୟୁତଲତା ଆଚାର୍ଯ୍ୟ, ସୁକାନ୍ତ କୁମାର ପ୍ରଧାନ, କାଳୀ ପ୍ରସାଦ ନାୟକ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, ଜିବେଶ ଚନ୍ଦ୍ର ରଥ, ଅମିୟ ମହାପାତ୍ର, ମିଟୁ ସାମନ୍ତରାୟ, ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବୀପତ୍ର ପ୍ରଦାନ




ଭୁବନେଶ୍ୱର,(ପି.ଏନ): ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ । ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି । ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି । ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି । ଠିକ ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି । ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇନଥିବାରୁ ପରିଷଦ ବର୍ଷ ? ହେବ ନିଷ୍କ୍ରିୟ ହୋଇ ପଡିରହିଛି । ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ହଜାର କୋଟି କାରିବା ଦାବୀରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଆଜି ଓଡିଶା ଶିଳ୍ପୀ ମହାସଂଘ ନୟାଗଡ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଆଜିର ସମାବେଶରେ ସାମିଲ ହୋଇଥିବା କାରିଗର ଓ ବୁଣାକାରଙ୍କ ଦାବି ଥିଲା, ପୂର୍ବ ସରକାର ସମୟରୁ ଲାଗୁ କରା ଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା । ମାସିକ ସହାୟତା ରାଶିକୁ ଦୁଇ ହଜାରରୁ ବୃଦ୍ଧି କରି ପାଂଚ ହଜାର କରିବା । ତତସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉ । ସୂଚନା ଥାଉକି, ଏହି ଯୋଜନାରେ କଳାକାରଙ୍କ ଭଳି ୪୦ ବର୍ଷରୁ ଉର୍ଦ୍ଧ ମହିଳା ଓ ୫୦ ବର୍ଷରୁ ଉର୍ଦ୍ଧ ପୁରୁଷ ବୁଣାକାର ଏବଂ କାରିଗରଙ୍କୁ ମାସିକ ମାତ୍ର ୨ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି । ସେହିଭଳି ୨୦୧୮ ମସିହା ମାର୍ଚ୍ଚ ୨୨ ତାରିଖରେ ଉଦଘାଟିତ ହୋଇଥିଲା ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ । ଯାହାର କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥିତ ଖଣ୍ଡଗିରି ନିକଟରେ ରହିଛି । ରାଜ୍ୟ ସରକାର ଓ କାରିଗର ଏବଂ ବୁଣାକାରଙ୍କ ମଧ୍ୟରେ ସଂପର୍କର ସେତୁ ଭାବେ କାର୍ଯ୍ୟ କରି ଆସୁଥିବା ଏହି ପରିଷଦର ପରିଚାଳନା ବୋର୍ଡ ଗଠନ କରାଯାଉନଥିବାରୁ ସଂପୂର୍ଣ୍ଣ ନିଷ୍କ୍ରିୟ ହୋଇ ପଡିଛି । ପରିଷଦର କାର୍ଯ୍ୟକାରୀ ବୋର୍ଡକୁ ପୁର୍ନଗଠନ ପୂର୍ବକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଉ । ସୂଚନା ଥାଉକି, ଏହି ପରିଷଦର ପରିଚାଳନା ବୋର୍ଡର ସଦସ୍ୟ ଭାବେ ରାଜ୍ୟର ବିଶିଷ୍ଟ ବୁଣାକାର ଓ କାରିଗର ରହିବେ ବୋଲି ବ୍ୟବସ୍ଥା ରହିଛି । ପୂର୍ବ ପାଳିରେ ନିପୁଣ ଶିଳ୍ପୀ /ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତା ବୃଦ୍ଧି, ଦେଢଶହରୁ ଉର୍ଦ୍ଧ ହସ୍ତଶିଳ୍ପ ଗ୍ରାମ ବା ପୁଂଜର ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତି ନିଆଯାଇ ପାରିଥିଲା । ଦିନକୁ ଦିନ ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସମସ୍ୟା ବଢି ଚାଲିଥିବାରୁ, ଏହି ବିକାଶ ପରିଷଦ ସକ୍ରିୟ ହେବା ଅତ୍ୟନ୍ତ ଜରୁରୀ ଅଟେ । ଉତ୍କର୍ଷ କଳାର ରାଜ୍ୟ ଆମ ଓଡିଶା । କୃଷି ପରେ ଏକ ପ୍ରମୁଖ ସ୍ୱାବଲମ୍ବୀ କ୍ଷେତ୍ର ଭାବେ ଦଶ ଲକ୍ଷରୁ ଉର୍ଦ୍ଧ ଲୋକ ଏହି ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ଅଛନ୍ତି । ଓଡିଶା ଅସ୍ମିତାର ପରିଚୟ ଆମ ଶିଳ୍ପୀ ଓ ବୁଣାକାର ଜାତି ଆମ ପାରଂପାରିକ କଳାକାରିଗରୀକୁ ବଂଚାଇ ଆସିବା ସହ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି । ରାଜ୍ୟ ସରକାର କାରିଗର ଓ ବୁଣାକାରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, ହେଲେ ଆନ୍ତରିକତା ଅଭାବରୁ ଏହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଁଚି ପାରୁନି । ପୂର୍ବ ସରକାର କରିଥିବା ଅନେକ ଯୋଜନା ଏବେର ସରକାର ଜାରି ରଖିଥିବାବେଳେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ଭାବକୁ ଓଡିଶା ଶିଳ୍ପୀ ମହାସଂଘ ଦୃଢ ନିନ୍ଦା କରିଛି । ଇତି ମଧ୍ୟରେ ନୂତନ ସରକାରକୁ ବର୍ଷ ? ପୁରି ସାରିଥିବାବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଣୁ ସାଜିଛି । ଓଡିଶା ଶିଳ୍ପୀ ମହାସଂଘର ବାରଂବାର ଦାବୀ ସତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁ ନାହାନ୍ତି । ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡିଶା ଶିଳ୍ପୀ ମହାସଂଘ ନିଷ୍ପତି ନେଇଛି । ଆଜିର ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ନୟାଗଡ ଜିଲ୍ଲାର ବହୁ କାରିଗର ସାମିଲ ହୋଇଥିବାବେଳେ ଟ୍ରାଫିକ ଛକରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା । ମହାସଂଘର ରାଜ୍ୟ ସଂପାଦକ ପ୍ରିୟରଂଜନ କର, କାର୍ଯ୍ୟକାରୀ ସମିତି ସଦସ୍ୟ କଳ୍ପତରୁ ପଣ୍ଡା, ନୟାଗଡ ଜିଲ୍ଲା ସଂଯୋଜକ ଶୁଶାନ୍ତ କୁମାର ମହାରଣା, ପବିତ୍ର ମହାରଣା, ହରେକୃଷ୍ଣ ମୁଦୁଲି. ନିର୍ମଳ ଚନ୍ଦ୍ର ସାହୁ, ଭୀମସେନ ମହାରାଣା,ଗୀତାଂଜଳି କର,ପ୍ରମିଳା ମହାରଣା,ସତ୍ୟନାରାୟଣ ବେହେରା,ଦୀନବନ୍ଧୁ ମୁଦୁଲି,ଅଚ୍ୟୁତ ମହାରଣା, ସୁବାସ ମହାରଣା,ବଂଶୀଧର ମୁଦୁଲି ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବରିଷ୍ଠ ଆଇନଜୀବି ଶ୍ରୀ ସୁରେନ୍ଦ୍ର କୁମାର ଦାସଙ୍କୁ ପିଏଚ୍‌ଡ଼ି ପଦବୀ ପ୍ରଦାନ




ଭୁବନେଶ୍ୱର,(ପି.ଏନ): ସୁରେନ୍ଦ୍ର କୁମାର ଦାସଙ୍କୁ ପିଏଚ୍‌ଡି ପ୍ରଦାନ। ସୁରେନ୍ଦ୍ର କୁମାର ଦାସଙ୍କୁ ରାଜସ୍ଥାନର ସିଂଘାନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ଆଇନରେ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଛି। ତାଙ୍କର ଗବେଷଣା ବିଷୟ ଥିଲା 'ଅପରାଧ ମୁକାବିଲା ପାଇଁ ଭାରତରେ ବହୁରାଷ୍ଟ୍ରୀୟ ନିଗମର କର୍ପୋରେଟ୍ ଶାସନର ସନ୍ଦର୍ଭରେ ଆଇନ ଏବଂ ନୀତିଗୁଡ଼ିକର ଏକ ବିଶ୍ଳେଷଣାତ୍ମକ ଅଧ୍ୟୟନ'। ସେ ସିଂଘାନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ପାଣ୍ଡେ ଏବଂ ପ୍ରଫେସର ଡକ୍ଟର ଏସ. ମୁକୁନ୍ଦରାଜନଙ୍କ ମାର୍ଗଦର୍ଶନରେ ତାଙ୍କର ଗବେଷଣା କରିଥିଲେ। ଦାସଙ୍କ ଥିସିସ୍ କର୍ପୋରେଟ୍ ଅପରାଧ ଏବଂ ଅପରାଧର ମୁକାବିଲା ପାଇଁ କର୍ପୋରେଟ୍ ଶାସନ କାର୍ଯ୍ୟକାରୀ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲା। ତାଙ୍କର କାର୍ଯ୍ୟ ଆଇନ କ୍ଷେତ୍ରରେ, ବିଶେଷକରି ଭାରତରେ କାର୍ଯ୍ୟ କରୁଥିବା ବହୁରାଷ୍ଟ୍ରୀୟ ନିଗମର ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ। ଶ୍ରୀ ଦାସ ଓଡ଼ିଶା ହାଇକୋର୍ଟ କଟକରେ ଅଭ୍ୟାସ କରୁଥିବା ଜଣେ ପ୍ରତିଷ୍ଠିତ ଓକିଲ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ହେଉଛି ସେ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ ଏଲଏଲବି ଏବଂ ଏଲଏଲଏମ ଡିଗ୍ରୀ ଅନ୍ତର୍ଭୁକ୍ତ, ବାଣିଜ୍ୟିକ ଆଇନ ଏବଂ ବ୍ୟାଙ୍କିଂ ଆଇନରେ ବିଶେଷଜ୍ଞତା ସହିତ ନୂଆ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଏମବିଏ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ ଅର୍ଥନୀତି ଏବଂ ଲୋକ ପ୍ରଶାସନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଶ୍ରୀଯୁକ୍ତ ଦାସ ବିଭିନ୍ନ ଉଲ୍ଲେଖନୀୟ ପଦବୀରେ କାର୍ଯ୍ୟ କରିଛନ୍ତି, ଯଥା: ନୋଟାରୀ ପବ୍ଲିକ୍ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟ, ଆଇନଗତ ବ୍ୟାପାର ବିଭାଗ, ନୂଆଦିଲ୍ଲୀ ଦ୍ୱାରା ନିଯୁକ୍ତ, ଆଇନଗତ ପ୍ରକୋଷ୍ଠର ମୁଖ୍ୟ: ଓଡ଼ିଶା ରାଜ୍ୟ, ମିସନକି, ଇଣ୍ଡିଆନ୍ ହ୍ୟୁମାନ୍ ରାଇଟ୍ସ ଆସୋସିଏସନ୍ ଅଫ୍ କର୍ପୋରେଟ୍ ଆଫେୟାର୍ସ (ଭାରତ ସରକାର ଦ୍ୱାରା ଅନୁମୋଦିତ), ନାଗପୁର, ସଭାପତି ଧାମନଗର ବାର୍ ଆସୋସିଏସନ୍, ଓଡ଼ିଶା (୨୦୨୨-୨୩), ସମ୍ମାନଜନକ ପରିଦର୍ଶକ ପ୍ରଫେସର: ଆଇନ ବିଭାଗ, କେନ୍ଦ୍ରୀୟ ଭାରତ ଆଇନ କଲେଜ, ନାଗପୁର ସଭାପତି: କେନ୍ଦ୍ରୀୟ ଜୋନ୍, ଭାରତ ପାଇଁ ଗ୍ଲୋବାଲ୍ ଓଡ଼ିଆ ସମାଜ/ଓଡ଼ିଶା ଓ୍ୱିଦାଉଟ୍ ବର୍ଡର (OWB), କାର୍ଯ୍ୟକାରୀ ସଦସ୍ୟ, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍, କଟକ, ବରିଷ୍ଠ ଆଇନଗତ ପରାମର୍ଶଦାତା : ଜାତୀୟକରଣ ବ୍ୟାଙ୍କ, ଭାରତୀୟ ରେଳବାଇ, ଏବଂ କର୍ପୋରେଟ୍। ଦାସଙ୍କର ଆଇନର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ବିଶେଷଜ୍ଞତା ଅଛି, ଯଥା: ରେଳବାଇ ଆଇନ, ବ୍ୟାଙ୍କିଙ୍ଗ୍ ଆଇନ ସେବା ବିଷୟ, କର୍ପୋରେଟ୍ ଆଇନ, କର, ପରିବାର ଆଇନ, ସିଭିଲ୍ ଆଇନ ଏବଂ ଫୌଜଦାରୀ ଆଇନ। ସେ ଆଇନ ଫାର୍ମ ଇଣ୍ଡିଆ ଓ୍ୱାର୍ଲ୍ଡ ଲ (IWL) ଏବଂ UWL (USA) ର ଭାରତୀୟ ଏବଂ ବିଶ୍ୱସ୍ତରୀୟ କାର୍ଯ୍ୟର ପୂର୍ବ ଜୋନ୍ ର ମୁଖ୍ୟ ମଧ୍ୟ ଅଛନ୍ତି,

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray